# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 8 April – 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ରାଜ୍ୟ ସରକାର ଏବଂ ଭାରତୀୟ ତୈଳ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ
- ରାଜ୍ୟର ପ୍ରମୁଖ ଶକ୍ତିପୀଠଗୁଡ଼ିକୁ ସଂଯୋଗ କରିବା ଲକ୍ଷ୍ୟ ନେଇ ନିର୍ମାଣ କରାଯିବ ଶକ୍ତି କରିଡର
- ଚଳିତମାସ ଶେଷ ସୁଦ୍ଧା ପୁରୀ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ିଦର୍ଶନ, କହିଲେ ଆଇନ୍‌ମନ୍ତ୍ରୀ
- ଓଡ଼ିଆ ପକ୍ଷର ଆଜି ଅଷ୍ଟମ ଦିନରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ

ଏବଂ

- ବଙ୍ଗୋସାଗରରେ ସୃଷ୍ଟି ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଂଚଳରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ମୁଖ୍ୟମନ୍ତ୍ରୀ-ଓଡ଼ିଶା ନିବେଶକ ସମ୍ମିଳନୀ

ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସମ୍ମିଳନୀରେ ୧ ଲକ୍ଷ ୩ ହଜାର ୯୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶର ଆଶା କରାଯାଉଥିବାବେଳେ ୯୫ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି।

ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ରାଜ୍ୟ ସରକାର ଏବଂ ଭାରତୀୟ ତୈଳ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ'ଙ୍କ ଉପସ୍ଥିତିରେ ୬୧ ହଜାର ୭୭ କୋଟି ଟଙ୍କା ବ୍ୟୟ ଅଟକଳରେ ରୂପାନ୍ତରିତ ପାରାଦ୍ୱୀପ ପେଟ୍ରୋ କେମିକାଲ୍ସ ପ୍ରକଳ୍ପ ପାଇଁ ଏପ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ନିରନ୍ତର ଉଦ୍ୟମ କରୁଥିବା କହିଛନ୍ତି।

ଆଇଓସିଏଲ୍ ସହ ୫୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ୨୪ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଭାରତ ଆଗାମୀ ଦିନରେ ପ୍ରମୁଖ ବିଶୋଧନାଗାର ହବ୍‌ରେ ପରିଣତ ହେବ ଏବଂ ଓଡ଼ିଶା ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟର ରପ୍ତାନୀ

ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ନିବେଶକମାନେ ଏହାର ସୁଯୋଗ ନେବାକୁ ମନ୍ତ୍ରୀ ଶ୍ରୀ ପୁରୀ ଆହ୍ୱାନ ଦେଇଛନ୍ତି।

ଇଣ୍ଡିଆନ ଅଏଲ୍‌ର ଅଧ୍ୟକ୍ଷ ଏ.ଏସ୍. ସାହାନୀ କହିଛନ୍ତି, ବିଶ୍ୱର ରାସାୟନିକ ଏବଂ ପେଟ୍ରୋ କେମିକାଲ୍ସ ବିଶୋଧନାଗାର ହବ୍ ମଧ୍ୟରେ ଓଡ଼ିଶା ଆଗାମୀ ଦିନରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବ। ବୁଝାମଣାପତ୍ର ସ୍ୱାକ୍ଷର ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରାକୃତିକ ସମ୍ବଳ ସମ୍ପର୍କରେ ସୂଚନା ଦେଇଥିବାବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

## ଶକ୍ତି କରିଡର

ରାଜ୍ୟର ପ୍ରମୁଖ ଶକ୍ତିପୀଠଗୁଡ଼ିକୁ ଯୋଡିବା ପାଇଁ ଏକ କରିଡର ନିର୍ମାଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଶକ୍ତି କରିଡର ଯୋଜନା ଅନ୍ତର୍ଗତ ଗଞ୍ଜାମର ମା' ତାରାତାରିଣୀ, ଯାଜପୁରର ମା' ବିରଜା, ଖୋର୍ଦ୍ଧାର ମା' ଉଗ୍ରତାରା, ବାଣପୁରର ମା' ଭଗବତୀ, କାକଟପୁରର ମା' ମଙ୍ଗଳା, ଚିଲିକାର ମା' କାଳିଜାଈ, ବୌଦ୍ଧର ମା' ଭୈରବୀଙ୍କ ପୀଠକୁ ଯୋଡ଼ାଯିବ।

**-V/O-** *(Pravati Parida)*

ଜିଲ୍ଲା ସ୍ତରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ମା' ତାରାତାରିଣୀ ପୀଠର ଉନ୍ନତି ପାଇଁ ୮ କୋଟି ଟଙ୍କା, ତପ୍ତପାଣିର ବିକାଶ ପାଇଁ ୧୧ କୋଟି ଟଙ୍କା ସହ ମା'ନାରାୟଣୀଙ୍କ ପୀଠର ଉନ୍ନତି ନିମନ୍ତେ ମଧ୍ୟ ଅର୍ଥ ପ୍ରଦାନ କରାଯାଇଥିବା ନେଇ ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ଏହିକ୍ରମରେ ଜିଲ୍ଲାରେ ରହିଥିବା ସମସ୍ତ ପୀଠର ଉନ୍ନତି ନେଇ ଚଳିତ ବର୍ଷ ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାକୁ ପ୍ରଦାନ କରାଯାଇଛି।

ଆଜି ଚୈତ୍ର ମାସର ଶେଷ ମଙ୍ଗଳବାରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସହିତ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଗଞ୍ଜାମ ଜିଲ୍ଲାର ବହୁ ବିଧାୟକମାନେ ମା'ତାରାତାରିଣୀଙ୍କୁ ଦର୍ଶନ କରିଥିଲେ।

## ଶ୍ରୀମନ୍ଦିର ଧାଡି ଦର୍ଶନ-ଆଇନ୍‌ମନ୍ତ୍ରୀ

ଚଳିତମାସ ଶେଷ ସୁଦ୍ଧା ପୁରୀରେ ଶ୍ରୀଜୀଉଙ୍କ ଧାଡିଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ମା' ତାରାତାରିଣୀ ଦର୍ଶନ ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଏକ ସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। ପରିଚାଳନା କମିଟିର ପ୍ରସ୍ତାବ ଓ ସରକାରଙ୍କ ଅନୁମତି ପରେ ନାଟମଣ୍ଡପ ଭିତରେ ଥିବା ହୁଣ୍ଡିକୁ ସ୍ଥାନାନ୍ତରଣ କରାଯିବ। ହୁଣ୍ଡି ସ୍ଥାନାନ୍ତରଣ କରାଯିବା ପରେ ଧାଡି ଦର୍ଶନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି.....

**-V/O-***(Pruthviraj Harichadan)*

**ମୁଦ୍ରାଲୋନ୍**

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ଆଜି ୧୦ବର୍ଷ ପୂରଣ ହୋଇଛି । ଆଜି ସୁଦ୍ଧା ଏହି ଯୋଜନାରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ୫୨ କୋଟି ଋଣ ପ୍ରଦାନ କରାଯାଇଛି । ୨୦୧୫ ମସିହା ଏପ୍ରିଲ ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଏଥିରେ ଅଣୁ, କ୍ଷୁଦ୍ର ଏବଂ ଅନ୍ୟ ଶିଳ୍ପଗୁଡ଼ିକୁ ବିନା ବନ୍ଧକରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସଂପୃକ୍ତ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରିବା ଉଦ୍ଦେଶ୍ୟରେ ଋଣ ଦିଆଯାଇଥାଏ । ଯୋଜନାରେ ଅନେକଗୁଡ଼ିଏ ବର୍ଗ ପାଇଁ ଋଣ ବ୍ୟବସ୍ଥା କରାଯାଇଛି । ଏଥିରେ ଶିଶୁବର୍ଗ ବାବଦରେ ସର୍ବାଧିକ ୫୦ ହଜାର ଟଙ୍କା ଋଣ ଦିଆଯାଉଥିବା ବେଳେ କିଶୋର ବର୍ଗରେ ୫୦ ହଜାରରୁ ୫ଲକ୍ଷ, ତରୁଣବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଏବଂ ତରୁଣ ପ୍ଲସ୍ ବର୍ଗରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ସୂଚନା ଅନୁଯାୟୀ ମୁଦ୍ରା ଋଣ ନେଇଥିବା ଗ୍ରାହକଙ୍କ ମଧ୍ୟରେ ୭୦ ପ୍ରତିଶତରୁ ଅଧିକ ମହିଳା ଉଦ୍ୟୋଗୀ ଅଛନ୍ତି । ୫୦ ପ୍ରତିଶତରୁ ଅଧିକ ମୁଦ୍ରାଋଣ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି ।

## ଓଡ଼ିଆ ପକ୍ଷ-ରକ୍ତଦାନ ଦିବସ

ଓଡ଼ିଆ ପକ୍ଷ ୨୦୨୫ର ଅଷ୍ଟମ ଦିନରେ ଆଜି ରକ୍ତଦାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ସଦର ମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ।

ସ୍ୱେଚ୍ଛାକୃତ ରକ୍ତଦାନ ଭଳି ମହତ କାର୍ଯ୍ୟ ଲାଗି ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜିର ଏହି ରକ୍ତଦାନ ଦିବସ ପାଳନ କରାଯାଇଥିଲା।

ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଆଜି ବହୁ ସଂଖ୍ୟାରେ ରକ୍ତଦାତାମାନେ ରକ୍ତଦାନ କରିଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲା ମହାକାଳପଡା ବ୍ଲକ୍‌ର ବାୟାବାବା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ମାନସ କୁମାର ଜେନାଙ୍କ ସମେତ ଜାତୀୟ ସେବା ସଂସ୍ଥା ତଥା ରେଡକ୍ରସର ବହୁ ବରିଷ୍ଠ ଅଧିକାରୀ ଏହି ଶିବିରର ସୁପରିଚାଳନା କରିଥିଲେ।

**କଳାହାଣ୍ଡି** ଜିଲ୍ଲାରେ ଜିଲ୍ଲା ପ୍ରଶାସନ, ରେଡ୍‌କ୍ରସ୍ ଶାଖା ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ମିଳିତ ଆନୁକୂଲ୍ୟରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ ୟୁନିଟ୍  ରକ୍ତ ସଂଗୃହୀତ ହୋଇଥିଲା।

**ଗଞ୍ଜାମ** ଜିଲ୍ଲାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

**କଟକ**ସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ୍ ଓ ହସ୍‌ପିଟାଲରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ମାଟ୍ରିକ ପରୀକ୍ଷା ରେଜଲ୍ଟ

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଆସନ୍ତା ମେ' ମାସ ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

ବିଜ୍ଞାନ ପ୍ରଶ୍ନପତ୍ରରେ ଚାରି ମାର୍କ କମ୍ ନେଇ କୌଣସି ସମସ୍ୟା ହେବ ନାହିଁ ଏବଂ ଗ୍ରେସ୍ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ଶ୍ରୀ ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖରେ ୩୦ଟି ଜିଲ୍ଲାର ୩ ହଜାର ୧୩୩ ପରୀକ୍ଷା କେନ୍ଦ୍ରରେ ୩୧୪ଟି ନୋଡାଲ ସେଣ୍ଟରର ପରୀକ୍ଷା ଖାତା ମୂଲ୍ୟାୟନ କରାଯାଇଥିଲା। ଚଳିତ ବର୍ଷ ମୋଟ୍ ୫ ଲକ୍ଷ ୧୦ ହଜାର ୭୭୮ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ।

## ପ୍ରଦୀପ ଜେନା-ଶପଥପାଠ

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଓଇଆରସି'ର ନୂତନ ଅଧ୍ୟକ୍ଷ ଭାବେ ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଆଜି ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶ୍ରୀ ଜେନାଙ୍କୁ ଶପଥପାଠ କରାଇଥିଲେ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ଅଧିକାଂଶ ଅଂଚଳରେ ସାମାନ୍ୟ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ବର୍ଷା ସମ୍ଭାବନା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

******************************